ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଜାନୁୟାରୀ, ୨୦୨୨



## ରାସ୍ତା କାମକୁ ନେଇ ଆକ୍ରମଣରେ ଜଣେ ଆହତ

ନାଉଗାଁ,(ସ୍ୱ.ପ୍ର.): ନାଉଗାଁ ଥାନା ଅନ୍ତର୍ଗତ ଓଷକଣା ଗାଁରେ ରାସ୍ତା କାମକୁ ନେଇ ଦୁଆରୀ ଭୋଇ ମଙ୍ଗଳବାର ଆକ୍ରମଣର ଶିକାର ହୋଇ ଆହତ ହୋଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୬/୨୨ରେ ମାମଲା ରୁଜୁ କରିଛି। ଦୁଆରୀଙ୍କ ଅଭିଯୋଗକ୍ରମେ ଗାଁରେ ଏକ କଂକ୍ରିଟ ରାସ୍ତା କାମ କରାଯିବାକୁ ସ୍ଥିର ହୋଇଥିଲା। ଏହି କାମ କରିବାକୁ ଆବଶ୍ୟକ ସରଞ୍ଜାମ ଗଦା ହୋଇଥିଲା। ଗାଁର କେତେଜଣ ବ୍ୟକ୍ତି କନିଷ୍ଠଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଜୋର ଜବରଦସ୍ତ କାମ କରିଥିଲେ। ଏ ବିଷୟରେ ପଚାରିବାରୁ ନରେଶ ସ୍ୱାଇଁ, ଭାଗିରଥି ନାୟକ, ଧନେଶ୍ୱର ପୁହାଣ ତାଙ୍କୁ ଆକ୍ରମଣ କରିବା ସହ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

# ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ବାଛିବେ ୪,୧୨୮ ପ୍ରତିନିଧି

- ୧୭ରୁ ପ୍ରାର୍ଥୀପତ୍ର ଦାଖଲ
- ପ୍ରାର୍ଥୀଙ୍କ ଭରସା ସାମାଜିକ ଗଣମାଧ୍ୟମ

କେନ୍ଦ୍ରାପଡ଼ା ଅଫିସ, ୧୨।୧

ରାଜ୍ୟ ନିର୍ବାଚନ କମିଶନ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମଙ୍ଗଳବାରଠାରୁ ନିର୍ବାଚନୀ କଟକଣା ଜାରି କରିଛନ୍ତି। ଏହି କଟକଣା ମଧ୍ୟରେ କେନ୍ଦ୍ରାପଡ଼ା ଜିଲାରେ ୫ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ଏଥିପାଇଁ ଅଞ୍ଚଳ ଚିହ୍ନଟ ପୂର୍ବରୁ ସରିଥିବା ବେଳେ ଆସନ୍ତା ୧୭ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ପାଇଁ ନିର୍ଦ୍ଦେଶ ହୋଇଛି। ୧୧,୪୭,୩୩୦ ଭୋଟର ଜିଲାର ୨୪୯ ପଞ୍ଚାୟତର ସମିତିସଭ୍ୟ, ସରପଞ୍ଚ, ୩୨ ଜିଲା ପରିଷଦ ସଭ୍ୟ ଓ ୩,୬୯୮ ୱାର୍ଡସଭ୍ୟଙ୍କୁ ନିର୍ବାଚିତ କରିବେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ସେହିପରି କରୋନା ସଂକ୍ରମଣ ପାଇଁ ଚଳିତ ନିର୍ବାଚନର ଆଶାୟୀ ପ୍ରାର୍ଥୀ ସାମାଜିକ ଗଣମାଧ୍ୟମକୁ ପ୍ରଚାରରେ ଉପଯୋଗ କରିବାକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ରହିଛି।

ଡିପିଓ ସନ୍ତୋଷ କୁମାର ସାହୁଙ୍କ ସୂଚନା ଅନୁଯାୟୀ, ଆସନ୍ତା ଫେବୃୟାରୀ ୧୬ ତାରିଖରେ ଆଳି ବ୍ଲକ ଅଞ୍ଚଳର ୪ ଓ ଡେରାବିଶ ବ୍ଲକ ଅଞ୍ଚଳର ୩ ଜୋନ୍ ଅଞ୍ଚଳରେ ନିର୍ବାଚନ ହେବ। ଏହି ନିର୍ବାଚନରେ ଆଳି ବ୍ଲକ ଅଞ୍ଚଳର ୩୪ ପଞ୍ଚାୟତର ସମିତିସଭ୍ୟ, ସରପଞ୍ଚଙ୍କ ସମେତ ୪୯୦ ୱାର୍ଡ ସଭ୍ୟ ପଦ ପାଇଁ ପ୍ରାର୍ଥୀ ଭାଗ ନେବେ। ୧,୩୮,୨୪୨ ଭୋଟର ଏଥିପାଇଁ ପଞ୍ଜୀକୃତ ହୋଇଛନ୍ତି। ସେହିପରି ଏହିଦିନରେ ଡେରାବିଶ ବ୍ଲକର ୧,୧୮,୪୮୯ ଭୋଟର ୩ ଜୋନ୍ ସଭ୍ୟ, ୨୬ ସମିତିସଭ୍ୟ ଓ ସରପଞ୍ଚ ପଦ ସହ ୩୯୦ ୱାର୍ଡ ସଭ୍ୟଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏହି କ୍ରମରେ ୧୮ ତାରିଖରେ ରାଜକନିକା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ୩ଟି ଲେଖାଏ ଜୋନ୍ ଅଞ୍ଚଳ, ୨୦ ତାରିଖରେ ପଟ୍ଟାମୁଣ୍ଡାଇର ୪ ଓ ରାଜନଗରର ୩ ଜୋନ୍ ଅଞ୍ଚଳ, ୨୨ ତାରିଖରେ କେନ୍ଦ୍ରାପଡ଼ାର ୪ ଓ ଗରଦପୁରର ୩ ଜୋନ୍ ଅଞ୍ଚଳ ସହ ଫେବୃୟାରୀ ୨୪ରେ ମହାକାଳପଡ଼ାର ୫ଟି ଜୋନ୍ ଅଞ୍ଚଳରେ ନିର୍ବାଚନ ହେବ। ଆଶାୟୀ ପ୍ରାର୍ଥୀମାନେ ଆସନ୍ତା ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ କରିବେ। ଏହାର ଯାଞ୍ଚ ଆସନ୍ତା ୨୨ ତାରିଖରେ ହେବ।




ପ୍ରାର୍ଥୀତ୍ୱ ପ୍ରତ୍ୟାହାର ପାଇଁ ୨୫ ତାରିଖ ଥିବା ବେଳେ ସେହିଦିନ ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଭୋଟ ଗ୍ରହଣ ପରେ ଫେବୃୟାରୀ ୨୬ରୁ ୨୮ ପର୍ଯ୍ୟନ୍ତ ଗଣତି ସହ ଫଳାଫଳ ଘୋଷଣା ହେବ। ଫେବୃୟାରୀ ୨୮ରେ ନିର୍ବାଚନୀ କଟକଣା ସରୁଥିଲେ ମଧ୍ୟ ଏହାପରଠାରୁ ପରୋକ୍ଷ ନିର୍ବାଚନ ହେବ। ମାର୍ଚ୍ଚ ୧୧ ତାରିଖରେ ନାଏବ ସରପଞ୍ଚ, ୧୨ ତାରିଖରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ୧୩ ତାରିଖରେ ଜିଲା ପରିଷଦ ସଭାପତି ପଦ ପାଇଁ ପରୋକ୍ଷ ନିର୍ବାଚନ ହେବ। ସେହିପରି ମାର୍ଚ୍ଚ ୨୩ରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଓ ୨୫ରେ ଜିଲା ପରିଷଦ ଉପସଭାପତି ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବ। କରୋନା ସଂକ୍ରମଣକୁ ଦୃଷ୍ଟି ରଖି ସର୍ବାଧିକ ୫ ଜଣଙ୍କୁ ଧରି ପ୍ରାର୍ଥୀ ଘରକୁ ଘର ବୁଲି ପ୍ରଚାର କରିପାରିବେ। ଏଥିସହ ସାମାଜିକ ଗଣମାଧ୍ୟମର ସାହାରା ନେଇପାରିବେ ବୋଲି ଡିପିଓ ସାହୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ହଜାର ଏକର ଜମିର ଧାନ ଫସଲ ନଷ୍ଟ

ରାଜକନିକା,୧୨।୧(ଡି.ଏନ.ଏ.): ରାଜକନିକା ବ୍ଲକରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଲଘୁଚାପ ଜନିତ ଲଗାଣ ବର୍ଷାରେ ପ୍ରାୟ ୧ହଜାର ଏକର ଜମିର ଫସଲ ନଷ୍ଟ ହୋଇଛି। କାଟଣା, ଜୟନଗର, ତ୍ରିଲୋକ୍ୟପୁର, ବରାଡିଆ, ଆକୁଳିପଡା, ସିକୋ, ଡାଳିକେଏନ୍ଦା, କୋରନ୍ଦ ଆଦି ପଞ୍ଚାୟତରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷୀମାନେ ଅମଳ ଧାନ ଓଦା ହୋଇଥିବା ଦେଖି ଚିନ୍ତାରେ ପଡିଛନ୍ତି।

### କୁଜଙ୍ଗ ବ୍ଲକ ବିଜେଡି ସଭାପତି ହେଲେ ନରେନ୍ଦ୍ର ପରିଡ଼ା

କୁଜଙ୍ଗ,୧୨।୧(ଡି.ଏନ.ଏ.): କୁଜଙ୍ଗ ବ୍ଲକ ବିଜେଡିର କାର୍ଯ୍ୟକାରିଣୀ ଓ ସମୀକ୍ଷା ବୈଠକ ବାଗୋଇ ପଞ୍ଚାୟତସ୍ଥିତ ଷଣ୍ଢପୁର ମୁକ୍ତେଶ୍ୱର ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ସମୀରରଞ୍ଜନ ଦାଶ, ଜିଲା ବିଜେଡି ସଭାପତି ବିଧାୟକ ପ୍ରଶାନ୍ତ ମୁଦୁଲି, ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଇ. ପ୍ରମୋଦ କିଶୋର ଜେନା, ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନରେନ୍ଦ୍ର ପରିଡାଙ୍କୁ କୁଜଙ୍ଗ ବ୍ଲକ ବିଜେଡି ସଭାପତି ଭାବେ ଜିଲା ବିଜେଡି ସଭାପତି ବିଧାୟକ ମୁଦୁଲି ନାମ ଘୋଷଣା କରିଥିଲେ। ବୈଠକରେ ବିଜେଡି କର୍ମୀମାନେ ଯେପରି ଅବହେଳିତ ହୋଇ କୋଣ ଠେସା ନ ହୁଅନ୍ତି ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ କୁହାଯାଇଥିଲା। ଏଥିରେ ବ୍ଲକ ଅଧକ୍ଷ ସ୍ମୃତିରଞ୍ଜନ ବେହେରା, ଉପାଧକ୍ଷା ପୁଷ୍ପଲତା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ଗୁଆଳିପୁରରେ ଧାନମଣ୍ଡି ଖୋଲିଲା

ରଘୁନାଥପୁର,୧୨।୧(ଡି.ଏନ.ଏ.): ରଘୁନାଥପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ଗୁଆଳିପୁର କୃଷି ସେବା ସମବାୟ ସମିତି ଧାନମଣ୍ଡିରେ ପ୍ରଥମ ପର୍ଯ୍ୟାୟରେ ୭୨୬ ଜଣ ଅନଲାଇନ ପଞ୍ଜୀକୃତ ଚାଷୀଙ୍କୁ ୫ ଶହ କୁଇଣ୍ଟାଲ ଧାନ ଦେବାକୁ ଟାର୍ଗେଟ ଆସିଛି। ଏହି ଉପଲକ୍ଷେ ସମିତି ସମ୍ପାଦକ ବିରଞ୍ଚି ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ରଘୁନାଥପୁର ବ୍ଲକ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ହେମନ୍ତ କୁମାର ଦାସ ଓ ସ୍ଥାନୀୟ ସରପଞ୍ଚ ଜାନକୀବଲ୍ଲଭ ସ୍ୱାଇଁ ବୁଧବାର ଧାନମଣ୍ଡି ଆରମ୍ଭ କରିଥିଲେ। ମଣ୍ଡିରେ ଗୁଆଳିପୁର, ଅଢେଇକୁଳ ଓ ସାଦେଇପୁରର ଚାଷୀ ଧାନ ଦେବେ।

### ମିଶନ ଶକ୍ତି ଗୃହର ଭିତ୍ତିପ୍ରସ୍ତର

ଧର୍ମଶାଳା,୧୨।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୂର୍ତ୍ତ ବିଭାଗକୁ ଏହି ଗୃହ ନିର୍ମାଣ ନିମନ୍ତେ ଦାୟିତ୍ୱ ଦିଆଯାଇଛି। ଉତ୍ସବରେ ଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରଭାତ ବଳବନ୍ତରାୟ, ବିଭାଗୀୟ ଉପନିର୍ବାହୀ ଯନ୍ତ୍ରୀ କାମେଶ୍ୱର ବେହେରା, ସହକାରୀ ଯନ୍ତ୍ରୀ ନରେନ ଜେନା, ବିଜେଡି ସଭାପତି ଜଳଧର ମହାନ୍ତି, କୁମାରୀ ସରପଞ୍ଚ କବିତା ବେହେରା, ଜାରକା ସମିତିସଭ୍ୟ ସୁଦାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବର୍ଷା ଯୋଗୁ ଚାଷୀ ହନ୍ତସନ୍ତ

ଚଣ୍ଡିଖୋଲ,୧୨।୧(ଡି.ଏନ.ଏ.): ଅଦିନିଆ ବର୍ଷା ଯୋଗୁ ବଡ଼ଚଣା ବ୍ଲକ ଅଞ୍ଚଳର ଚାଷୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏବେ ଧାନ ଅମଳ ସମୟ ହୋଇଥିବା ବେଳେ ଅନେକ ଚାଷୀଙ୍କ ବିଲରୁ ଧାନ ଉଠିନାହିଁ ଏପରି କି କେତେକ ଚାଷୀ ସେମାନଙ୍କ ପାଚିଲା ଧାନ କାଟି ପାରିନାହାନ୍ତି। ଯାହାକୁ ନେଇ ଚିନ୍ତାରେ ଚାଷୀ। କେତେଜଣ ଚାଷୀ ଧାନ କାଟିଥିଲେ ମଧ୍ୟ ଜମିରେ ପଡ଼ିରହିଛି। ବୁଧବାର ସକାଳୁ ବର୍ଷା ଲାଗି ରହିଛି।ଫଳରେ ପାଚିଲା ଧାନ ଅମଳ ହେବା ପରିବର୍ତ୍ତେ ଚାଷ ଜମିରେ ଝଡ଼ିପଡ଼ିବ ବୋଲି ବହୁ ଚାଷୀ ପ୍ରକାଶ କରିଛନ୍ତି।

### ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ

ଚଣ୍ଡିଖୋଲ,୧୨।୧(ଡି.ଏନ.ଏ.): ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତ ପୂର୍ବତନ ନାଏବ ସରପଞ୍ଚ ପୀତାମ୍ବର ନାୟକ(୯୫)ଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଛି। ନାୟକ କିଛିମାସ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ସେ ଅବିଭକ୍ତ ଚାରିନଙ୍ଗଳ ପଞ୍ଚାୟତର ୬ ଥର ୱାର୍ଡ ସଭ୍ୟ ହୋଇଥିବା ବେଳେ ୨ ଥର ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ।

## ଯାଜପୁର ଜିଲାରେ ୪୪୪୫ ମତଦାନ କେନ୍ଦ୍ର


ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ଲାଗି ଅନୁଷ୍ଠିତ ବୈଠକ।

ଯାଜପୁର ଅଫିସ,୧୨।୧

ଯାଜପୁର ଜିଲାର ୧୦ ବ୍ଲକ୍‌ରେ ୩୯ ଜିଲା ପରିଷଦ ଜୋନ, ୩୧୧ ପଞ୍ଚାୟତ ଓ ୪୪୪୫ୱାର୍ଡ ପାଇଁ ନିର୍ବାଚନ କରାଯିବ। ଏଥିପାଇଁ ୪୪୪୫ ମତଦାନ କେନ୍ଦ୍ର କରାଯିବ। ଏହି ପଞ୍ଚାୟତ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ସମ୍ପନ୍ନ କରିବାକୁ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଗୁରୁତ୍ୱ ଦେଇଛନ୍ତି। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ସମସ୍ତ ବିଡିଓ ତଥା ନିର୍ବାଚନ ଅଧିକାରୀମାନଙ୍କ ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ରାଠୋର ରାଜ୍ୟ ନିର୍ବାଚନ ଅଧିକାରୀ ଜାରି କରିଥିବା ନିୟମାବଳୀ, ମାର୍ଗଦର୍ଶିକା ଓ କାର୍ଯ୍ୟସୂଚୀ ଅନୁସାରେ ନିର୍ବାଚନ ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଗତ ନିର୍ବାଚନ ଅପେକ୍ଷା ଚଳିତ ନିର୍ବାଚନ କରୋନା କଟକଣା ଯୋଗୁ ଅଧିକ ଗୁରୁତ୍ୱପୂର୍ଣ୍ଣ। କୌଣସି ସମସ୍ୟା ହେଲେ ତୁରନ୍ତ ଉଚ୍ଚ ଅଧିକାରୀମାନଙ୍କ ପରାମର୍ଶ ନିଆଯିବ। ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆର. ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ଶେଷ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଉତ୍ତେଜନା ଓ ଅତି ଉତ୍ତେଜନା ପ୍ରବଣ ବୁଥ୍‌ଗୁଡ଼ିକୁ ଚିହ୍ନଟ, ସେଠାରେ ଆଇନଶୃଙ୍ଖଳା ରକ୍ଷା ପାଇଁ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ନିର୍ବାଚନ ଆଚରଣ ବିଧି, ନାମାଙ୍କନ ପତ୍ର ଦାଖଲ, ଯାଞ୍ଚ, ପ୍ରାର୍ଥୀ ପତ୍ର ପ୍ରତ୍ୟାହାର, ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶନ, ନିର୍ବାଚନ ଅଧିକାରୀମାନଙ୍କୁ ତାଲିମ, ମତ ଗ୍ରହଣ, ଷ୍ଟ୍ରଙ୍ଗରୁମ୍ ବ୍ୟବସ୍ଥା, ଭୋଟ ଗଣତି ଇତ୍ୟାଦି ସମ୍ପର୍କରେ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। କେତେକ ବୁଥରେ କେବଳ ମହିଳା ପୁଲିଂ ଅଧିକାରୀମାନଙ୍କ ଦ୍ୱାରା ଭୋଟ ଗ୍ରହଣ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ଇତ୍ୟାଦି ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା ।

ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ ସହ ନିର୍ବାଚନ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଜାନୁୟାରୀ ୧୭ ରୁ ୨୧ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ଓ ଜାନୁୟାରୀ ୨୫ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହେବ । ଫେବୃୟାରୀ ୧୬ରେ ଯାଜପୁର ଓ ଧର୍ମଶାଳା ବ୍ଲକ୍, ୧୮ରେ ଦଶରଥପୁର ଓ ବଡଚଣା ବ୍ଲକ୍, ୨୦ ରେ ବିଞ୍ଝାରପୁର ଓ କୋରାଇ ବ୍ଲକ୍, ୨୨ ରେ ସୁକିନ୍ଦା ଓ ଦାନଗଦୀ ବ୍ଲକ୍ ଏବଂ ୨୪ ରେ ବରୀ ଓ ରସୁଲପୁର ବ୍ଲକରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ୨୬ , ୨୭ ଓ ୨୮ ତାରିଖରେ ସଂପୃକ୍ତ ବ୍ଲକ୍‌ରେ ଭୋଟ ଗଣନା କରାଯିବ।

## ହିତାଧିକାରୀଙ୍କୁ ଋଣ, ରିହାତି ଯୋଗାଇ ଦିଅ

ଜଗତ୍‌ସିଂହପୁର ଅଫିସ, ୧୨।୧

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ବ୍ୟାଙ୍କ ସମୂହ ଜିଲା ପରାମର୍ଶଦାତା କମିଟି ଓ ଜିଲାସ୍ତରୀୟ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟାୱରୀ ପୌରୋହିତ୍ୟ କହିଥିଲେ, ବିଭିନ୍ନ ଜନକଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ଋଣ ଓ ରିହାତି ପ୍ରଦାନ ନିମନ୍ତେ ବ୍ୟାଙ୍କଗୁଡିକ ପଦକ୍ଷେପ ନେବାକୁ ପଡ଼ିବ। ବର୍ତ୍ତମାନ ପଞ୍ଚାୟତିରାଜ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଆଗାମୀ ୨ ମାସ କ୍ଷେତ୍ର ପରିଦର୍ଶନ କରନ୍ତୁ। ଯେଉଁମାନେ ଋଣ ପାଇବାକୁ ଯୋଗ୍ୟ ଚୟନ କରନ୍ତୁ। ଜିଲାରେ ସ୍ୱୟଂ ସହାୟକ ଗୋଷ୍ଠୀ ଭଲ କାମ କରୁଛନ୍ତି। ସେମାନଙ୍କ ଜୀବନ ଓ ଜୀବିକାରେ ଉନ୍ନତି ଆଣିବା ପାଇଁ ବ୍ୟାଙ୍କଗୁଡିକ ପକ୍ଷରୁ ଋଣ ସହାୟତା ଯୋଗାଇ ଦେବା ଆବଶ୍ୟକ। କେଉଁ ବ୍ୟାଙ୍କରେ କେତେ ଆବେଦନ ବିଚାରାଧୀନ ଅଛି ସେଗୁଡିକ ତୁରନ୍ତ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି କହିଥିଲେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ଏସ୍‌ଏଚ୍‌ଜି, ଜୀବିକା ମିଶନ ଆଦି ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଠିକ୍ ସମୟରେ ଋଣ ଦିଆଯିବ। ଏହି ଅବସରରେ ବଳରାମ ଯୋଜନା, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ, କୁକୁଡ଼ା ଚାଷ, ଦୁଗ୍ଧ ଉତ୍ପାଦନ, କିଷାନ କ୍ରେଡିଟ୍ କାର୍ଡ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଓଡ଼ିଶା ଜୀବିକା ମିଶନ, ସହରାଞ୍ଚଳ ଜୀବିକା ମିଶନ, ୟୁକୋ ଆର୍‌ଏସ୍‌ଟି, ବୁଣାକାର କିଷାନ କ୍ରେଡିଟ୍ କାର୍ଡ, ବ୍ୟାଙ୍କିଙ୍ଗ ଇଣ୍ଡିକେଟର ଓ ଋଣ ଆଦାୟ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ସୁବାସ ଚନ୍ଦ୍ର ବେହେରା, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ଯତୀନ୍ଦ୍ର ଷଡ଼ଙ୍ଗୀ, ନାବାର୍ଡ ଡିଡିଏମ୍ ବିଶ୍ୱ ଭୂଷଣ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବ୍ୟାଙ୍କର ଶାଖା ପରିଚାଳକମାନେ ଉପସ୍ଥିତ ଥିଲେ।

## ଦୋଷୀଙ୍କୁ ୩ ବର୍ଷ ଜେଲ

ନାବାଳିକା ଅସଦାଚରଣ ମାମଲା

ଯାଜପୁର ଟାଉନ,୧୨।୧(ଡି.ଏନ.ଏ.)

ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଯାଜପୁର ପୋକ୍‌ସୋ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ଗୋପାଳ ଚନ୍ଦ୍ର ପଟ୍ଟନାୟକ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୪ରେ ପାଣିକୋଇଲି ଥାନା ଶଙ୍ଖଚିଲା ଫାଣ୍ଡି ଅଞ୍ଚଳର ଜଣେ ନାବାଳିକା ସନ୍ଧ୍ୟାରେ ନିଜ ଘର ସାମ୍ନାରେ ଠିଆ ହୋଇଥିଲେ। ଏହି ସମୟରେ ଉକ୍ତ ଥାନା ଅଧୀନ ଲକ୍ଷ୍ମୀନଗର ଗ୍ରାମର ଗଗନ ମଲ୍ଲିକ ଆସି ତାଙ୍କୁ ବଳାତ୍କାର ଉଦ୍ଦେଶ୍ୟରେ ଟଣାଓଟରା କରିଥିଲେ। ନାବାଳିକା ପାଟି କରିବାରୁ ଅଭିଯୁକ୍ତ ଜଣକ ଖସିଯିବାକୁ ଉଦ୍ୟମ କରିଥିଲେ। ନାବାଳିକାଙ୍କ ମା’, ବଡ଼ଭଉଣୀ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ମାତ୍ର ଅଭିଯୁକ୍ତ ସେମାନଙ୍କୁ ଧକ୍କା ଦେବା ସହ ଗାଡ଼ି ଛାଡ଼ି ପଳାଇ ଥିଲା। ପରେ ନାବାଳିକାଙ୍କ ମା’ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୨/୧୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରିଥିଲେ।

## ୩ ଲୁଟେରା ଝାମ୍ପି ନେଲେ ସୁନାରୁପା ଅଳଙ୍କାର

ମହାକାଳପଡ଼ା,୧୨।୧(ଡି.ଏନ.ଏ.)

ମହାକାଳପଡ଼ା ବ୍ଲକ ରାମନଗର ବଜାର ନିକଟରେ ଏକ ଲୁଟ୍ ଘଟଣା ଘଟିଛି। ଜଣେ ଅଳଙ୍କାର ଦୋକାନୀଙ୍କଠାରୁ ୩ ଲୁଟେରା ଏକ ବାଇକ୍‌ରେ ଆସି ୨୦୦ ଗ୍ରାମ ଓଜନର ସୁନାରୁପା ଅଳଙ୍କାର ଓ ୧୦ ହଜାର ନଗଦ ଟଙ୍କା ଲୁଟି ନେଇ ଚାଲିଯାଇଛନ୍ତି। ଲୁଟେରାଙ୍କ ଭୁଜାଲି ଆକ୍ରମଣରେ ରାମନଗର ବଜାରରେ ଘୋଷ ଜୁଏଲାରୀ ମାଲିକ ତାପସ ଘୋଷ ଆହତ ହୋଇଛନ୍ତି। ବୁଧବାର ରାତି ପ୍ରାୟ ୯ଟା ସମୟରେ ଏହି ଘଟଣା ଘଟିଛି । ତାପସ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ । ତାଙ୍କ ଘରଠାରୁ ଶହେ ମିଟର ପୂର୍ବରୁ ଅର୍ଥାତ୍ ଅନୁକୂଳ ଚନ୍ଦ୍ର ମନ୍ଦିର ପାର୍ଶ୍ୱ ରାସ୍ତାରେ ଏହି ଘଟଣା ଘଟିଥିଲା। ଲୁଟେରା ଓ ଦୋକାନୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା।

## ୩ ଧାନମଣ୍ଡି ଖୋଲିଲା

ଡେରାବିଶ ୧୨।୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନରେ ଥିବା ସମବାୟ ସମିତିରେ ଖୋଲାଯାଇଛି। ମଙ୍ଗଳବାର ବ୍ଲକ ଅଧୀନ ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି, ହରିଅଙ୍କସ୍ଥିତ କପିଳେଶ୍ୱର ସମବାୟ ସମିତି ଓ କାଉପଡ଼ା ସମବାୟ ସମିତିରେ ଜିଲା ସମବାୟ ସହକାରୀ ନିବନ୍ଧକ ସନ୍ତୋଷ କୁମାର ଦାସ ଓ ଉପସହକାରୀ ସମବାୟ ନିବନ୍ଧକ ମନମୋହନ ରାଉତ ଖୋଲାଯାଇଥିବା ୩ ଧାନମଣ୍ଡିର ଆରମ୍ଭ କରିଛନ୍ତି। ନହଙ୍ଗ ସମବାୟ ସମିତି ସମ୍ପାଦକ ଗୌରାଙ୍ଗ ଚରଣ ପ୍ରଧାନ ଓ ସହ ସମ୍ପାଦକ ଦେବୀ ପ୍ରସନ୍ନ ସାହୁ, କପିଳେଶ୍ୱର ସମିତି ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ସହସମ୍ପାଦକ କୈଳାସ ଚନ୍ଦ୍ର ସାମଲ ଏବଂ କାଉପଡ଼ା ସମବାୟ ସମିତିର ସମ୍ପାଦକ ଗୌରାଙ୍ଗ ଚରଣ ପ୍ରଧାନଙ୍କ ସମେତ ସହ ସମ୍ପାଦକ ସୁମନ ସଙ୍ଗୀତା ଦାସ ଓ ବହୁ ଚାଷୀ ଉପସ୍ଥିତ ରହି ସେମାନଙ୍କ ଉତ୍ପାଦିତ ଧାନ ମଣ୍ଡିକୁ ଆଣିଥିଲେ।

## ଇଡ୍‌କୋ ପକ୍ଷରୁ ପାଚେରି ନିର୍ମାଣ ଆରମ୍ଭ


ମାହାଳ ଗାଁ ଶେଷ ସୀମାରୁ ଇଡ୍‌କୋ ପକ୍ଷରୁ ପାଚେରି ନିର୍ମାଣ ଚାଲିଛି।

ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ

କୁଜଙ୍ଗ,୧୨।୧ (ଡି.ଏନ.ଏ.)

ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ନୂଆଗାଁ ଓ ଗଡକୁଜଙ୍ଗ ପଞ୍ଚାୟତରେ ହେବାକୁ ଥିବା ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ପାନ ବରଜ ଭଙ୍ଗା, ଗଛ ଚିହ୍ନଟ ଓ ଜମି ଅଧିଗ୍ରହଣ ଆଗେଇ ଚାଲିଛି। ଏହିକ୍ରମରେ ବୁଧବାର ଇଡ୍‌କୋ ପକ୍ଷରୁ ପାଚେରି ନିର୍ମାଣ କାମ ଆରମ୍ଭ ହୋଇଛି। ଢିଙ୍କିଆ ପଞ୍ଚାୟତର ମାହାଳ ଗ୍ରାମର ଶେଷ ସୀମାରୁ ପାଚେରି ନିର୍ମାଣ ହେଉଛି। ୭ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ପାଚେରି ନିମନ୍ତେ ଇଡ୍‌କୋ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ପ୍ରାଚୀର କାମ ମାହାଳ ଶେଷ ସୀମାରୁ ନୋଳିଆସାହି ଶେଷ ପର୍ଯ୍ୟନ୍ତ ଦୀର୍ଘ ୧୦ କି.ମି. ପର୍ଯ୍ୟନ୍ତ ନିର୍ମାଣ କରାଯିବ। ଅନ୍ୟପକ୍ଷେ ବୁଧବାର ସୁଦ୍ଧା ଢିଙ୍କିଆ ପଞ୍ଚାୟତର ୩୦୨ଟି ପାନବରଜ ମାପଚୁପ କରାଯାଇଛି। ସେଥିରୁ ୨୪୮ଟି ପାନବରଜ ଭଙ୍ଗା ଯାଇଛି। ଏଥି ମଧ୍ୟରୁ ୧୮୦ଜଣଙ୍କ ଠିକ୍ ପ୍ରମାଣ ପତ୍ର ଓ ବ୍ୟାଙ୍କ ସମ୍ବନ୍ଧୀୟ ପ୍ରମାଣ ପତ୍ର ମିଳିବା ପରେ ସେମାନଙ୍କୁ ୪ କୋଟି ୩୪ ଲକ୍ଷ ୧୮ ହଜାର ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସଙ୍କ ନେତୃତ୍ୱରେ ଗଠିତ ୫ଜଣିଆ ଟିମ ବୁଧବାର ଜମି ଅଧିଗ୍ରହଣ କାର୍ଯ୍ୟରେ ନିୟୋଜିତ ଥିଲେ।

## ଜଗତ୍‌ସିଂହପୁରରେ ୪ ପର୍ଯ୍ୟାୟ ନିର୍ବାଚନ

ଜଗତ୍‌ସିଂହପୁର ଅଫିସ, ୧୨।୧

ଜିଲା ପରିଷଦ ଓ ପଞ୍ଚାୟତ ନିର୍ବାଚନ ହେବା ନେଇ ରାଜ୍ୟ ନିର୍ବାଚନ କମିଶନ ଘୋଷଣା କଲା ପରେ ଜଗତ୍‌ସିଂହପୁର ଜିଲାରେ ରାଜନୈତିକ ପରିବେଶ ଚଳଚଞ୍ଚଳ ହୋଇପଡିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉପଜିଲାପାଳ, ବ୍ଲକ ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ପରିଷଦ ସଭ୍ୟଙ୍କ ପାଇଁ ନୋଟିସ୍ ଲଗାଯିବ। ଆସନ୍ତା ୧୭ରୁ ୨୧ ତାରିଖ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଶାୟୀମାନେ ନାମାଙ୍କନପତ୍ର ଦାଖଲ କରିବେ। ୨୨ରେ ପ୍ରାର୍ଥୀପତ୍ର ଯାଞ୍ଚ ହେବ। ୨୩ରେ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ।୨୫ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ଫେବୃୟାରୀ ୧୬, ୧୮, ୨୨ ଓ ୨୪ ତାରିଖ ସକାଳ ୭ରୁ ଅପରାହ୍ନ ୧ଟା ମଧ୍ୟରେ ବିଭିନ୍ନ ଭୋଟ ଗ୍ରହଣ ହେବ। ନିର୍ବାଚନ ଅଧିକାରୀଙ୍କ ନିଷ୍ପତ୍ତିକ୍ରମେ ୨୬ରୁ ୨୮ ତାରିଖ ସକାଳ ୮ରୁ ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ଗଣତି କରାଯିବ। ମାର୍ଚ୍ଚ ୪ରେ ନିର୍ବାଚିତ ପ୍ରତିନିଧିଙ୍କ ନାମ ଘୋଷଣା ହେବ। ପରିଷଦର ପ୍ରଥମ ବୈଠକ ଏବଂ ଜିଲା ପରିଷଦ ସଭାପତି ପଦ ପାଇଁ ଏହି ମାସ ୫ ତାରିଖରେ ପରିଷଦ କାର୍ଯ୍ୟାଳୟ ଏବଂ ସମସ୍ତ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନୋଟିସ୍ ଲଗାଯିବ। ମାର୍ଚ୍ଚ ୧୫ରେ ନବ ନିର୍ବାଚିତ ସଭାପତିଙ୍କ ନାମ ଘୋଷଣା ହେବ। ଜିଲା ପରିଷଦ ଉପସଭାପତି ପଦ ପାଇଁ ନିର୍ବାଚନ ସଂକ୍ରାନ୍ତୀୟ ନୋଟିସ୍ ମାର୍ଚ୍ଚ ୧୭ରେ ପରିଷଦ କାର୍ଯ୍ୟାଳୟ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଲଗାଯିବ। ୨୫ ତାରିଖରେ ଜିଲା ପରିଷଦ ଉପସଭାପତିଙ୍କ ନିର୍ବାଚନ ହେବ। ତେବେ ନିର୍ବାଚନ ସମୟରେ କୋଭିଡ୍ ୧୯ ମାର୍ଗଦର୍ଶିକା କଡ଼ାକଡି ଭାବେ ପାଳନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଅଦିନିଆ ବର୍ଷାରେ ଭିଜିଲା ଧାନ

ଡେରାବିଶ,୧୨।୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଅଞ୍ଚଳରେ ମଙ୍ଗଳବାର ରାତିରୁ ପୁଣି ଥରେ ଆରମ୍ଭ ହୋଇଛି ଅଦିନିଆ ବର୍ଷା । ଚାଷୀଙ୍କ ପାଚିଲା ଓ ଅମଳକ୍ଷମ ଧାନ ଭିଜିଛି । ଏହାକୁ ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି । ଧାନ ବିକ୍ରୀ ପାଇଁ ଚାଷୀମାନେ ପୂର୍ବରୁ ବାତ୍ୟା ଜନିତ ବର୍ଷାରେ ଭିଜିଥିବା ଧାନକୁ ଶୁଖାଇ ସାଇତି ଥିଲେ । ହେଲେ ଗତକାଲି ରାତିରୁ ଆରମ୍ଭ ହୋଇଥିବା ଅଦିନିଆ ବର୍ଷା ସବୁ ବିଗାଡ଼ି ଦେଇଛି । କ୍ଷେତରେ କଟା ହୋଇ ପଡିଥିବା ପାଚିଲା ଧାନ ଫସଲ ବର୍ଷା ଜଳରେ ବୁଡିଛି । ଖଳାରେ ଥିବା ଧାନ ଓ ମଣ୍ଡି ବାହାରେ ପଡିଥିବା ଧାନ ଓଦା ହେବାରେ ଲାଗିଛି। ଯଦି ଏହି ବର୍ଷା ଆଉ କିଛି ଦିନ ଲାଗି ରୁହେ ପାଚିଲା ଓ ଅମଳକ୍ଷମ ଧାନ ଫସଲ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି କରିଛି। ଏଥିପାଇଁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଭଗବାନ ହିଁ କେବଳ ଆମମାନଙ୍କ ସାହା ବୋଲି ବହୁ ଚାଷୀ କହିଛନ୍ତି।


କଟାଯାଇଥିବା ଧାନ କଚଡ଼ା ବର୍ଷାରେ ଓଦା ହେଉଛି।

## ତୈଳ ନିଗମ ପାଇପ ଲାଇନ କାମ ଆରମ୍ଭ

ପାରାଦୀପ-ହାଇଦ୍ରାବାଦ

କୁଜଙ୍ଗ,୧୨।୧ (ଡି.ଏନ.ଏ.)

ବିରୋଧ ଯୋଗୁ ଦୀର୍ଘ ୮ମାସ ହେଲା ଅଧାରେ ଅଟକି ଥିବା ପାରାଦୀପ-ହାଇଦ୍ରାବାଦ ପାଇପ ଲାଇନ କାର୍ଯ୍ୟ ବୁଧବାର ପୁଣି ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ଭାରତୀୟ ତୈଳ ନିଗମର ୧୨ଶହ ୧୨କିମି ପାରାଦୀପ-ହାଇଦ୍ରାବାଦ ପାଇପ ଲାଇନ କାର୍ଯ୍ୟ ଚାଲୁଥିବା ବେଳେ ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଗାଁର ଜନସାଧାରଣ ବିରୋଧ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ପାଇପ ଲାଇନ ଗ୍ରାମ ଗୋଚର ଜମି ଉପରେ ଯାଉଛି, ଯାହାଦ୍ୱାରା ଗୃହପାଳିତ ପଶୁଙ୍କ ପାଇଁ ଉଦ୍ଦିଷ୍ଟ ଚାରଣ ଭୂମି ନଷ୍ଟ ହେଲେ ଗୋରୁ ଚରିବାକୁ ଅସୁବିଧା ହେବେ। ଏହାସହ ଗୋଚର ଜମି ପାଇଁ ଥିବା ଆଇନଗତ ଦିଗ ପ୍ରତି ଦୃଷ୍ଟି ଦିଆ ନ ଯାଇ ଓ ଗ୍ରାମସଭାର ମତାମତ ନିଆ ନ ଯାଇ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ ଯୋଗୁ ଦୀର୍ଘଦିନ ଧରି ଢିଙ୍କିଆ ଗାଁର ଲୋକଙ୍କ ପକ୍ଷରୁ ବିରୋଧ ଜାରି ରହିଥିଲା। ବର୍ତ୍ତମାନ ଢିଙ୍କିଆରେ ଜେଏସ୍‌ଡବ୍ଲ୍ୟୁ ବିରୋଧୀ ଆନ୍ଦୋଳନ ଚାଲିଛି। ଗୋଟେ ପଟେ ଗ୍ରାମବାସୀ ଗ୍ରାମର ପ୍ରବେଶ ପଥରେ ଫାଟକ ନିର୍ମାଣ କରି ପ୍ରଶାସନ ଓ ପୋଲିସକୁ ପ୍ରବେଶ ନିଷେଧ କରାଇଛନ୍ତି। ଅନ୍ୟପକ୍ଷେ ପୋଲିସ ଗ୍ରାମକୁ ଘେରାବନ୍ଦୀ କରି ରଖିଛି। ଗ୍ରାମବାସୀ ବାହାରକୁ ବାହାରି ପାରୁନାହାନ୍ତି। ଏହାର ସୁଯୋଗରେ କମ୍ପାନୀ କର୍ତ୍ତୃପକ୍ଷ ପାଇପ ଲାଇନ କାର୍ଯ୍ୟ କରୁଥିବା ଜଣାପଡିଛି।


ଢିଙ୍କିଆ ଗ୍ରାମ ନିକଟରେ ତୈଳ ପାଇପ୍ ଲାଇନ୍ କାମ ଚାଲିଛି।

## ଚଣ୍ଡିମାତା କ୍ରିକେଟ ଟୁର୍ନାମେଣ୍ଟ ଶେଷ

ଜେନାପୁର,୧୨।୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ କୁସୁନପୁର ଖେଳପଡ଼ିଆରେ ଚାଲିଥିବା ୧୨ତମ ଚଣ୍ଡିମାତା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମା’ ମଙ୍ଗଳା କ୍ରିକେଟ କ୍ଲବ ତାଳଜଙ୍ଗ ଚାମ୍ପିୟନ ହୋଇଛି। ଚଣ୍ଡିମାତା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଟୁର୍ନାମେଣ୍ଟ ୮ଦିନ ଧରି ଚାଲିଥିଲା। ମ୍ୟାଚ୍‌ରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ମା’ ମଙ୍ଗଳା କ୍ରିକେଟ କ୍ଲବ ତାଳଜଙ୍ଗ ଓ ମା’ ଖଣ୍ଡୁରାଇ କ୍ରିକେଟ କ୍ଲବ ଖପୁରିଆ ପଦା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ତାଳଜଙ୍ଗ ଟସ୍ ଜିତି ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୧୮ ଓଭର ମଧ୍ୟରୁ ୧୪ ଓଭର ଖେଳି ସମସ୍ତ ଉଇକେଟ ହରାଇ ୨୩୯ ରନ ସଂଗ୍ରହ କରିଥିଲା। ଜବାବରେ ଖପୁରିଆ ପଦା କ୍ଲବ ୧୮ ଓଭର ଖେଳି ୭ ଉଇକେଟ ହରାଇ ୨୧୬ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ମ୍ୟାନ୍ ଅଫ ଦି ମ୍ୟାଚ୍ ସୌମ୍ୟ ମଲ ଓ ମ୍ୟାନ ଅଫ୍ ଦି ସିରିଜ କାର୍ତ୍ତିକ ଜେନାଙ୍କୁ ଘୋଷଣା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କୁସୁନପୁର ଇଣ୍ଡିଆନ ବ୍ୟାଙ୍କ ଶାଖା ପରିଚାଳକ ଶାରଦା ମାହାଲ, ଶିକ୍ଷକ ଅକ୍ଷୟ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଚାଲିଛି ଅଭାବୀ ଧାନ ବିକ୍ରି

ନୟାଗଡ଼ ଅଫିସ/ଖଣ୍ଡପଡ଼ା, ୧୨।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଅଦ୍ୟାବଧି ଗୋଟିଏ ବି ମଣ୍ଡି ଖୋଲିନାହିଁ। ଫଳରେ ଚାଷୀମାନେ ଅଭାବୀ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ଏହି ସୁଯୋଗରେ ଦଲାଲମାନେ ଗାଡ଼ି ଧରି ଗାଁକୁ ଗାଁ ବୁଲୁଛନ୍ତି । ଚାଷୀଙ୍କ ଘର ନିକଟରେ ପହଞ୍ଚି ଶାଗମାଛ ଦରରେ ଧାନ କ୍ରୟ କରୁଛନ୍ତି । ଖଣ୍ଡପଡ଼ା ବ୍ଲକର କୃଷି ପ୍ରଧାନ ପଞ୍ଚାୟତ ରୁପେ ପରିଚିତ ଶାଳଝରିଆ, ଗୁଣ୍ଠୁଣି, ଶିଖରପୁର, ରାଣୀପଡ଼ା, କିଆଝର, ସିଂଘାପଡା, ସିଧାମୂଳା, ଖଳିସାହି, ବେଣାଗାଡିଆ, ବୋଦସା, ବନମାଳୀପୁର, ରାଣୀଛେଲ୍ଲୀ ଆଦି ଅଞ୍ଚଳର ଚାଷୀମାନେ ପୂର୍ବବର୍ଷ ତୁଳନାରେ ଚଳିତବର୍ଷ କମ୍ ଧାନ ଅମଳ କରିଛନ୍ତି । ବାତ୍ୟା,ବନ୍ୟା, ଅଦିନିଆ ବର୍ଷା ଓ ରୋଗପୋକଙ୍କ ଯୋଗୁ ଶତାଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି । ଏପରି ସମୟରେ ଧାନ ମଣ୍ଡି ଖୋଲି ନ ଥିବାରୁ ଚାଷୀମାନେ କ୍ଷତି ସହୁଛନ୍ତି । ଏ ସମ୍ପର୍କରେ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା । କେବେ ଧାନମଣ୍ଡି ଖୋଲିବ ସେ ନେଇ ଅଧିକାରୀମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରୁ ନାହାନ୍ତି । ଅପରପକ୍ଷେ ଖଣ୍ଡପଡ଼ା ବ୍ଲକ ଅଧୀନ ୧୫ ସେବା ସମବାୟ ସମିତିରେ ଚଳିତ ବର୍ଷ ଧାନମଣ୍ଡି ଖୋଲିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ନାମା ରହିଥିବା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି ।



ଗାଁରୁ ଟ୍ରକ୍‌ରେ ଧାନ ସଂଗ୍ରହ ଚାଲିଛି ।

■ ମଣ୍ଡି ଖୋଲିବାରେ ବିଳମ୍ବକୁ ନେଇ ଚିନ୍ତା
■ ଗାଁରେ ଗାଡ଼ି ନେଇ ବୁଲୁଛନ୍ତି ଦଲାଲ

କେବଳ ଖଣ୍ଡପଡ଼ା ବ୍ଲକ୍ ନୁହେଁ, ନୟାଗଡ଼ ଜିଲାର ବିଭିନ୍ନ ବ୍ଲକରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ଧାନ କିଣା ଉଦ୍‌ଘାଟନ ହେବାର ୫ ଦିନ ବିତିଯିବାକୁ ବସିଛି। ହେଲେ ଜିଲାର ସବୁ ମଣ୍ଡି କାର୍ଯ୍ୟକ୍ଷମ ହୋଇ ପାରିନାହିଁ ବୋଲି ଆମ ଜିଲା ପ୍ରତିନିଧି ଜଣାଇଛନ୍ତି ।

ସୂଚନା ଅନୁଯାୟୀ, ୧୫୩ ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଓ ୧୪ ସଂଲଗ୍ନ ମଣ୍ଡିରେ ଧାନ କିଣା ହେବା ପାଇଁ ୧୮ ଜଣ ମିଲର ନିୟୋଜିତ ହୋଇଛନ୍ତି। ସବୁଧାନମଣ୍ଡି କାର୍ଯ୍ୟକ୍ଷମ ହେଲାଣି ବୋଲି ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କହିଛନ୍ତି । କିନ୍ତୁ ଧାନମଣ୍ଡି ଖୋଲୁ ନ ଥିବା ବିଭିନ୍ନ ବ୍ଲକର ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ଫତେଗଡ଼ର ଚାଷୀ ପବନା ନାୟକ କୁହିଛନ୍ତି, ମଣ୍ଡି ଖୋଲିଛି ବୋଲି ପ୍ରଚାର କରାଯାଇଛି । ହେଲେ ସବୁଠି ମଣ୍ଡି ଖୋଲିନାହିଁ। ଏବର୍ଷ ଖରାପ ଧାନ ମିଲର ନେବ ବୋଲି ବିଶ୍ୱାସ କରି ହେଉନି। ଏଣୁ ଧାନକିଣାରେ ମିଲର ବିଳମ୍ବ କରୁଛନ୍ତି । ଦଶପଲ୍ଲାର ଚାଷୀ ସୁବ୍ରତ ପ୍ରଧାନ କୁହନ୍ତି, ମିଲର ଧାନ କିଣିବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଏଣୁ ଏଗ୍ରିମେଣ୍ଟରେ ବିଳମ୍ବ କଲେ । ଧାନକିଣା କାହିଁକି ଶୃଙ୍ଖଳିତ ହେଉନାହିଁ ଜିଲାପାଳ ଓ ବିଭାଗୀୟ ମନ୍ତ୍ରୀ ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି ।

## ସଂକ୍ଷେପରେ

### ଗୋକୁଳାନନ୍ଦ ପୀଠରେ ପୌଷ ପର୍ବ



**ଖଣ୍ଡପଡ଼ା,୧୨।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ମଧୁକର୍ଣ୍ଣିକା ପାହାଡ଼ରେ ବିରାଜିତ ପ୍ରଭୁ ଗୋକୁଳାନନ୍ଦ ଜୀଉଙ୍କ ପୌଷପର୍ବ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି । ଏହି ଅବସରରେ ମଙ୍ଗଳବାର ଠାକୁରଙ୍କ ମଙ୍ଗଳ ଆଳତୀ, ବାଲଧୂପ, ପହିଲି ଧୂପ ପରେ ପୌଷ ପୋଡ଼ପିଠା ଲାଗି ହୋଇଥିଲା ।

### ଶାମ୍ବ ଦଶମୀ ପାଳିତ

**ଖଣ୍ଡପଡ଼ା,୧୨।୧(ସ୍ୱ.ପ୍ର.):** ପୌଷମାସ ଶୁକ୍ଳପକ୍ଷ ଦଶମୀ ତଥା ଶାମ୍ବ ଦଶମୀ ବୁଧବାର କଣ୍ଟିଲୋ, ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ପାଳିତ ହୋଇଯାଇଛି। ମହିଳାମାନେ ପାରମ୍ପରିକ ରୀତିରେ ଶାମ୍ବ ଦଶମୀ ବ୍ରତ ରଖିଥିଲେ । ପିଲାମାନଙ୍କ ମଙ୍ଗଳ କାମନା କରି ସେମାନେ ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଫଳ,ପିଠା ଜାଉ, ଖେଚୁଡ଼ି ଓ ବିଭିନ୍ନ ତରକାରୀ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଲାଗି କରାଯାଇଥିଲା ।

### ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ

**ଖଣ୍ଡପଡ଼ା,୧୨।୧(ସ୍ୱ.ପ୍ର.):** ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ ପକ୍ଷରୁ ବୁଧବାର ଖଣ୍ଡପଡ଼ାରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏବିଭିପିର ନୟାଗଡ଼ ଜିଲା ସଂଯୋଜକ ବୃନ୍ଦାବନ ପ୍ରଧାନ ଓ ଜିଲା ପ୍ରମୁଖ ପରମେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବସମାଜକୁ ଆହ୍ୱାନ କରିଥିଲେ ।

### ପୁରାତନ ଛାତ୍ରଙ୍କ ବୈଠକ

**ଖଣ୍ଡପଡ଼ା,୧୨।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠର ୧୯୭୨ ମ୍ୟାଟ୍ରିକ ବ୍ୟାଚ୍‌ର ପୁରାତନ ଛାତ୍ରମାନଙ୍କ ଏକ ବୈଠକ ସ୍ଥାନୀୟ କଂସାରୀ ସମାଜ କଲ୍ୟାଣ ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୁରାତନ ଛାତ୍ର ସଭାପତି ବସନ୍ତ କୁମାର ମହାରଣା ଅଧକ୍ଷତା କରିଥିଲେ । ସମ୍ପାଦକ ଶ୍ରୀପତି ମହାରଣା ଅବହେଳିତ ଅବସ୍ଥାରେ ପଡି ରହିଥିବା କଣ୍ଟିଲୋ ପର୍ଯ୍ୟଟନ କ୍ଷେତ୍ରର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । ଏସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

### ରାଷ୍ଟ୍ରୀୟ ଯୁବଦିବସ ପାଳିତ

**ରଣପୁର,୧୨।୧(ସ୍ୱ.ପ୍ର.):** ଭାରତୀୟ ବିଦ୍ୟା ନିକେତନ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଓ ଦି ବ୍ଲଡ ଡୋନେଶନ, ଓଡ଼ିଶାର ସହଯୋଗରେ ବିବେକାନନ୍ଦଙ୍କ ଜୟନ୍ତୀ ଓ ଆନ୍ତର୍ଜାତିକ ଯୁବ ଦିବସ ରଣପୁର ବ୍ଲକ କଳିଙ୍ଗ ଭାରତୀ ବିଦ୍ୟା ନିକେତନ, କନ୍ଧନୟାଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ବୁଧବାର ଆୟୋଜନ କରାଯାଇଥିଲା। ଏଥିରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

## କଇଥଗାଡ଼ିଆରେ ବଧୂ ହତ୍ୟା

ନୟାଗଡ଼ ଅଫିସ,୧୨।୧

ନୟାଗଡ଼ ସଦର ଥାନା କଇଥଗାଡ଼ିଆ ଗାଁରେ ପ୍ରଭାସିନୀ ବେହେରା(୨୫) ନାମକ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି ।ଏନେଇ ଅଭିଯୋଗ ପରେ ପୋଲିସ ଏକ ଯୌତୁକଜନିତ ମାମଲା(ନଂ.୯/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ଅନୁଯାୟୀ, ବଳଭଦ୍ରପୁର ଗାଁର ବ୍ରଜବନ୍ଧୁ ବେହେରାଙ୍କ ଝିଅ ପ୍ରଭାସିନୀ କଇଥଗାଡ଼ିଆ ଗାଁର ବଂଶୀଧର ସାହୁ(୩୦)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ଅଧିକ ଯୌତୁକ ପାଇଁ ଶାଶୁଘର ପକ୍ଷରୁ ବିଭିନ୍ନ ସମୟରେ ଚାପ ପ୍ରୟୋଗ କରାଯାଇଥିଲା। ଯୌତୁକ ଦେବା ନେଇ ପ୍ରଭାସିନୀ ବାପଘର ଅସମର୍ଥ୍ୟ କହିବା ପରେ ପ୍ରଭାସିନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ମଙ୍ଗଳବାର ରାତିରେ ଶାଶୁଘରେ ଗଣ୍ଡଗୋଳ ହୋଇଥିଲା। ପରେ ପ୍ରଭାସିନୀଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ ହୋଇଛି।

## ଜଳବାୟୁ ପରିବର୍ତ୍ତନ ରୋକିବାକୁ ମିନି ମାରାଥନ



ଅତିଥିମାନଙ୍କ ଗହଣରେ ଯୋଗଦେଇଥିବା ଯୁବତୀ, ଯୁବକ ।

ନୟାଗଡ଼ ଅଫିସ,୧୨।୧

ଯୁବ ପିଢ଼ି ଦେଶର ଶକ୍ତି । ଯୁବକଙ୍କୁ ବାଦ୍ ଦେଇ ଦେଶର ବିକାଶ ହୋଇପାରିବ ନାହିଁ । ଏଣୁ ଜଳବାୟୁ ପରିବର୍ତ୍ତନ ପରି ସମ୍ବେଦନଶୀଳ ପ୍ରସଙ୍ଗରେ ଦେଶର ଯୁବପିଢ଼ିଙ୍କୁ ଏକାଠି ହେବାକୁ ପଡ଼ିବ ବୋଲି ନୟାଗଡ଼ ଜିଲା ସେବା ଉତ୍ସବ ସମିତି ପକ୍ଷରୁ ନୟାଗଡ଼ ମହୋତ୍ସବ ପଡିଆଠାରେ ଆୟୋଜିତ ଜଳବାୟୁ ପରିବର୍ତ୍ତନ ବିରୋଧରେ ଯୁବକ ଶୀର୍ଷକ ମିନି ମାରାଥନରେ ଯୋଗଦେଇ ଅତିଥିମାନେ ମତ ରଖିଛନ୍ତି । ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ନୟାଗଡ଼ ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ଓ ଉଚ୍ଚଶିକ୍ଷାମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମାରାଥନର ଉଦ୍‌ଘାଟନ କରିଥିଲେ । ଅନ୍ୟମାଙ୍କ ମଧ୍ୟରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ଭାଜପା ନେତା ସନ୍ତୋଷ ପ୍ରଧାନ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ଓ ଚିତ୍ତ ରଞ୍ଜନ ପ୍ରଧାନ, ଖବରଦାତା ଶ୍ରୀକାନ୍ତ ଖଟେଇ, ହ୍ୟୁମାନ ୱେଲଫେୟାର ବୋର୍ଡ ଟ୍ରଷ୍ଟର ଅଧ୍ୟକ୍ଷ ଶାରଦା ପ୍ରସାଦ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।

## ବିବେକାନନ୍ଦଙ୍କ ଆଦର୍ଶ ଜୀବନ ଯୁବସମାଜ ପାଇଁ ପ୍ରେରଣା

ନୟାଗଡ଼ ଅଫିସ,୧୨।୧

ନୟାଗଡ଼ ସହରର ଖଣ୍ଡପଡ଼ାରୋଡସ୍ଥିତ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଟିକାତାଲ ଶ୍ରୀରାମକୃଷ୍ଣ ସେବାଶ୍ରମର ଅଧ୍ୟକ୍ଷ ସ୍ୱାମୀ ଭାଗବତାନନ୍ଦ ପୁରୀ ଶ୍ରୀରାମକୃଷ୍ଣ-ବିବେକାନନ୍ଦ ସେବାଶ୍ରମର ଶୁଭ ଉନ୍ମୋଚନ କରିବା ସହିତ ଆୟୋଜିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ଓ ଦାମୋଦର ସାହୁ ଯୋଗଦେଇଥିଲେ । ସ୍ୱାମୀ ବିବେକାନନ୍ଦ ଥିଲେ ଭାରତବର୍ଷର ପ୍ରାଣ ଏବଂ ତାଙ୍କ ଆଦର୍ଶ ଜୀବନୀ ସମସ୍ତ ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ ବୋଲି ଅତିଥିମାନେ କହିଥିଲେ । ଆୟୋଜିତ ରକ୍ତଦାନ ଶିବିରରେ ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ବିଦ୍ୟାଳୟର ଉପଦେଷ୍ଟା ଶିକ୍ଷାବିତ୍ ହରିହର ପାତ୍ର, ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ନାୟକ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ନୟାଗଡ଼ ବ୍ଲଡ୍ ବ୍ୟାଙ୍କର ଡାକ୍ତର ସଞ୍ଜୟ କୁମାର ଦାଶ, ସସ୍ମିତା ଦାସ, ସରୋଜ କୁମାର ସାହୁ,ଆଶୁତୋଷ ଲେଙ୍କା,ପଞ୍ଚୁ ଦଳେଇ ଓ ପ୍ରଫୁଲ୍ଲ ଚନ୍ଦ୍ର ପ୍ରତିହାରୀ ରକ୍ତଦାନ ଶିବିରକୁ ସଞ୍ଚାଳନ କରିଥିଲେ । ଭାରତ ବିକାଶ ପରିଷଦ ନୟାଗଡ଼ ଶାଖାର କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ ।



ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିର ।

## ସମୁଦ୍ରରୁ ବକ୍ସିଂ କୋଚ୍, ଖେଳାଳିଙ୍କୁ ଉଦ୍ଧାର କଲେ ଓଡ଼ିଆ ଯୁବକ

ନୟାଗଡ଼ ଅଫିସ/ରଣପୁର, ୧୨।୧(ସ୍ୱ.ପ୍ର.)

■ ତାମିଲନାଡୁ ମୁଖ୍ୟମନ୍ତ୍ରୀ, ପୁଡୁଚେରୀ ବାଚସ୍ପତି ଶୁଭେଚ୍ଛା ଜଣାଇଲେ
■ ବିଜୁ ପଟ୍ଟନାୟକଙ୍କ ସାହସ କଥା କହିଲେ

ପୁଡୁଚେରୀ ନିକଟ ସମୁଦ୍ରରେ ୩ଜଣ ବୁଡ଼ି ଯାଉଥିଲେ। ସେଠାରେ ଉପସ୍ଥିତ ଥିବା ଲୋକମାନେ ଏହା ଦେଖି ସେମାନଙ୍କୁ ଉଦ୍ଧାର କରିବାକୁ କେବଳ ଚିତ୍କାର କରୁଥିଲେ। ହେଲେ କେହି ସମୁଦ୍ର ଭିତରକୁ ଯାଇ ସେମାନଙ୍କୁ ରକ୍ଷା କରିବାକୁ ସାହସ କରି ପାରୁ ନ ଥିଲେ। ଏହି ସମୟରେ ସେଠାରେ ଥିବା ନୟାଗଡ଼ ଜିଲା ରଣପୁର ବ୍ଲକ ଗୋପାଳପୁର ପଞ୍ଚାୟତ ପଥରପୁଞ୍ଜି ଗାଁର ଚିତ୍ତରଞ୍ଜନ ପ୍ରଧାନ(୨୧) ନିଜ ଜୀବନକୁ ବାଜି ଲଗାଇ ୨ଜଣଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କର ଏହି ସାହସିକତାକୁ ପୁଡୁଚେରୀ ବାଚସ୍ପତି ଆର.ସେଲଭମ୍ ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଏପରି କି ଓଡ଼ିଶାର ବୀରପୁତ୍ର ବିଜୁ ପଟ୍ଟନାୟକଙ୍କ ସାହସ ସହିତ ଚିତ୍ତରଞ୍ଜନଙ୍କୁ ତୁଳନା କରିଛନ୍ତି। ଏହି ଘଟଣା ପରେ ବାଚସ୍ପତି ସେଲଭମ୍ ଚିତ୍ତରଞ୍ଜନଙ୍କୁ ତାମିଲନାଡୁ ବିଧାନସଭାକୁ ଡକାଇ ସମ୍ବର୍ଦ୍ଧିତ କରିଛନ୍ତି।

ସୂଚନା ଅନୁଯାୟୀ, ରାଜସୁନାଖଳା ଶ୍ରୀଅରବିନ୍ଦ ଆଶ୍ରମ ସ୍କୁଲର ପୁରାତନ ଛାତ୍ର ଚିତ୍ତରଞ୍ଜନ ପୁଡୁଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ଧ୍ୟାନ(ମେଡିଟେଶନ)କରିବାକୁ ଗତ ୫ ତାରିଖରେ ଯାଇଥିଲେ। ଜାନୁୟାରୀ ୮ରେ ତାଙ୍କର ଓଡ଼ିଶା ଫେରିବାର ଥିଲା। ସେଦିନ ପୁଡୁଚେରୀ ସମୁଦ୍ର ବେଳାଭୂମିରେ ଜାତୀୟ କନିଷ୍ଠ ବକ୍ସିଂ ପ୍ରତିଯୋଗିତା ଚାଲିଥିଲା। ଏଥିରେ ବିଭିନ୍ନ ଦେଶର ବକ୍ସର ଓ କୋଚ୍ ଯୋଗଦେଇଥିଲେ। ଚିତ୍ତରଞ୍ଜନ ୮ ତାରିଖ ଅପରାହ୍ନରେ ସମୁଦ୍ରକୂଳରେ ବୁଲୁ ଥିଲେ। ସମୁଦ୍ରରେ ବହୁ ଲୋକ ଗାଧୋଇ ମଜା ନେଉଥିଲେ। ହଠାତ୍ ସମୁଦ୍ରରେ ୩ଜଣ ବୁଡି ଯାଉଥିବା ଦେଖି ଲୋକମାନେ ପାଟି କରିଥିଲେ। ଏହି ସମୟରେ ଚିତ୍ତରଞ୍ଜନ ସମୁଦ୍ରକୁ ଡେଇଁ ପଡ଼ି ସେମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ଅଶାନ୍ତ ସମୁଦ୍ର ମଧ୍ୟରୁ ଚିତ୍ତରଞ୍ଜନ କେରଳର ବକ୍ସିଂ କୋଚ୍ ସର୍ବେଶ୍ୱରନ ଓ ଜାତୀୟ କନିଷ୍ଠ ବକ୍ସିଂ ଗୋଲ୍ଡ ମେଡାଲିଷ୍ଟ ତଥା ତାମିଲନାଡୁର କୋଏମ୍ବାଟୁର ସହରର ଅମ୍ରିଥା ଶିବକୁମାର(୧୭) ନାମ୍ନୀ ଛାତ୍ରୀଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ହେଲେ ଅନ୍ୟ ଜଣେ ଛାତ୍ରୀଙ୍କୁ ବଞ୍ଚାଇ ପାରି ନ ଥିଲେ। ଏନେଇ ଚିତ୍ତରଞ୍ଜନ କୁହନ୍ତି, ପୁଡୁଚେରୀର ସମୁଦ୍ର ସମ୍ପର୍କରେ ମୁଁ ଅଜଣା ଥିଲି। ହେଲେ ବୁଡ଼ିଯାଉଥିବା ୩ଜଣଙ୍କୁ ଦେଖି ମୁଁ ନିଜକୁ ସମ୍ଭାଳି ପାରି ନ ଥିଲି। ବଡ଼ ବଡ଼ ଲହଡ଼ି କାଟି ମୁଁ ସମୁଦ୍ରକୁ ଡେଇଁ ପଡିଥିଲି। ଭାଗ୍ୟକୁ ୨ଜଣଙ୍କ ଜୀବନ ବଞ୍ଚାଇ ପାରିଥିଲି ।ଅନ୍ୟଜଣଙ୍କ ଟେର୍ ପାଇନଥିଲି।


ପୁଡୁଚେରୀ ବାଚସ୍ପତି ଆର. ସେଲଭମ୍‌ଙ୍କ ଗହଣରେ ଚିତ୍ତରଞ୍ଜନ (ବାମରୁ ପ୍ରଥମ) ଓ ଅନ୍ୟମାନେ ।

## ଜେଲ ଗଲେ ନକଲି ପୋଲିସ ଅଫିସର

### ୨ଲକ୍ଷ ଟଙ୍କା ସହ କାର୍ ଜବତ


ପୋଲିସ ଅଧିକାରୀଙ୍କ ସହ ଗିରଫ ମାନସ ।

ନୟାଗଡ଼ ଅଫିସ/ରଣପୁର, ୧୨।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ଥାନା ପୋଲିସ ବୁଧବାର ଜଣେ ନକଲି ପୋଲିସ ଅଫିସରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଭଦ୍ରକ ଜିଲାର ମାନସ ରଞ୍ଜନ ସେନାପତିଙ୍କୁ ରଣପୁର ସବ୍‌ଜେଲ ଯିବାକୁ ପଡିଛି । ମାନସଙ୍କଠାରୁ ୨ ଲକ୍ଷ ଟଙ୍କା ଓ କାର ଜବତ ହୋଇଛି ।

ପୋଲିସ ସୂଚନା ଅନୁସାରେ ରଣପୁର ଥାନା ହଂସରା ଗ୍ରାମର ରାଜୀବ କୁମାର ପ୍ରଧାନ ନକଲି ପୋଲିସ ଅଫିସର ମାନସଙ୍କଠାରୁ ଠକେଇର ଶିକାର ହୋଇଥିଲେ । ଚାକିରି ଲୋଭ ଦେଖାଇ ରାଜୀବଙ୍କଠାରୁ ମାନସ ଲକ୍ଷାଧିକ ଟଙ୍କା ଠକି ନେଇଥିଲେ । ଏନେଇ ରାଜୀବ ରଣପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ ୧୭୦, ୪୧୭, ୪୧୯, ୪୨୦, ୧୨୦ବି, ୩୪ ଆଇପିସି ଧାରାରେ ଏକ ମାମଲା(ନଂ.୯/୨୨)ରୁଜୁ କରି ତଦନ୍ତ କରିଥିଲା । ଏପରିକି ଏସ୍‌ଆଇ ପି.ପି.ମହାନ୍ତି ଓ ବିନୟ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରିଥିଲା। ପରେ ଏହି ଟିମ୍ ଅଭିଯୁକ୍ତ ମାନସଙ୍କୁ ରଣପୁରରୁ ଗିରଫ କରିଥିଲା । ଅନ୍ୟପକ୍ଷେ ନକଲି ପୋଲିସ ଅଫିସର ମାନସଙ୍କ ସହ ଏକ ର୍ୟାକେଟ୍ ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିଛି । ଏହି ର୍ୟାକେଟ୍ ଓଡ଼ିଶାର ବିଭିନ୍ନ ଜିଲାରେ ଠକେଇ କରୁଥିବା ତଦନ୍ତରୁ ସୂଚନା ମିଳିଛି ବୋଲି ଏସ୍‌ଆଇ ପ୍ରୀତି ପ୍ରକାଶ ମହାନ୍ତି କହିଛନ୍ତି ।

## ବର୍ଷାରେ ଧୋଇଗଲା ଡାଇଭର୍ସନ ରୋଡ଼

ନୂଆଗାଁ,୧୨।୧(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ସୋରଡ଼ା-ଗୌଡ ଚାଞ୍ଚେରାପଲ୍ଲୀ ରାସ୍ତାରେ ନିର୍ମିତ ଡାଇଭର୍ସନ ରୋଡ ମଙ୍ଗଳବାର ବର୍ଷାରେ ଧୋଇ ହୋଇଯାଇଛି । ଫଳରେ ୪ ଗ୍ରାମର ଲୋକଙ୍କ ଯାତାୟତ ବାଧାପ୍ରାପ୍ତ ହେଉଛି ।
ସୋରଡା ଛକଠାରୁ କନ୍ଦଲବକୁ ସଂଯୋଗ କରୁଥିବା ରାସ୍ତାର ବେଲପା ନଦୀରେ ଆରଡି ବିଭାଗ ଦ୍ୱାରା ବ୍ରିଜ ନିର୍ମାଣ କରାଯାଇଥିଲା । କିନ୍ତୁ ନିମ୍ନମାନର କାମ ଯୋଗୁ ଗତବର୍ଷ ତାହା ଭୁଶୁଡ଼ି ପଡିଥିଲା। ଫଳରେ ଗ୍ରାମବାସୀ ଯାତାୟତରେ ଅସୁବିଧା ଭୋଗୁଥିଲେ । ସେହି ବ୍ରିଜର ପୁନଃ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ । ସେହି ଅନୁସାରେ ସୋରଡା ଛକଠାରୁ ଗୌଡ ଚାଞ୍ଚେରାପଲ୍ଲୀ ପର୍ଯ୍ୟନ୍ତ ୩.୫ କିଲୋମିଟର ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ସହ ଏକ ଶହେ ଫୁଟର ବ୍ରିଜ ନିର୍ମାଣ କରିବା ପାଇଁ ୪.୩୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ରାସ୍ତା ନିର୍ମାଣ କରିବା ସମୟରେ ଲୋକମାନଙ୍କ ଯାତାୟତ ସହିତ ଯାନ ବାହନ ଯିବା ଆସିବା ପାଇଁ ଡାଇଭର୍ସନ ରାସ୍ତା ନିର୍ମାଣ କରିବାର ନିୟମ ରହିଛି । କିନ୍ତୁ ଠିକାଦାର ଗୋଟିଏ ପୋଲ ଓ ଅଳ୍ପ କିଛି ମାଟି ପକାଇ କାମଚଳା ଭାବେ ରାସ୍ତା ନିର୍ମାଣ କରିଥିଲେ । ସାମାନ୍ୟ ବର୍ଷାରେ ସେହି ରାସ୍ତା ଧୋଇ ହୋଇଛି । ଏ ବାବଦରେ ନୂଆଗାଁ ଆରଡି କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ସାହୁଙ୍କୁ ପଚାରିବାରେ ଆଉ ଗୋଟିଏ ପୋଲ ଓ ମୋରମ ପକାଇ ରାସ୍ତା ମରାମତି କରିବା ପାଇଁ ଆମେ ଠିକାଦାରକୁ ନିର୍ଦ୍ଦେଶ ଦେଇଛୁ ବୋଲି କହିଛନ୍ତି ।


ବର୍ଷାରେ ଧୋଇ ଯାଇଥିବା ଡାଇଭର୍ସନ ରୋଡ୍ ।

## ଓଡ଼ଗାଁରେ ଆରମ୍ଭ, ଭାପୁରରେ ଶେଷ

ନୟାଗଡ଼ ଅଫିସ,୧୨।୧

କରୋନାର ତୃତୀୟ ଲହର ସମୟରେ ପଞ୍ଚାୟତ ନିର୍ବାଚନ ଭୋଟରଙ୍କ ଭୟ ବଢ଼ାଇଛି। ତଥାପି ନିର୍ବାଚନ ବିଗୁଲ୍ ବାଜିବା ପରେ ନେତା ଓ ଆଶାୟୀଙ୍କ ଉତ୍କଣ୍ଠା ବଢ଼ିଛି । ବିଶେଷ କରି ଶାସକ ଦଳର କର୍ମୀ, ନେତା ଓ ସମର୍ଥକ ବେଶୀ ଖୁସି ଥିବା ପରିଲକ୍ଷିତ ହୋଇଛି । ଜିଲା ପରିଷଦ ସଭ୍ୟ ଆସନକୁ ହାତେଇବାକୁ ନେତାମାନେ ବେଶୀ ଆଗ୍ରହୀ । କାରଣ ବିଧାୟକ ଟିକେଟ୍ ପାଇଁ ଜିଲା ପରିଷଦ ସଭ୍ୟଙ୍କ ବିଜୟ ମାପକାଠି ହୋଇପାରେ। ଏପରି ସ୍ଥଳେ ନିର୍ବାଚନ କମିଶନର ଭୋଟ ଗ୍ରହଣ ତାରିଖ ଘୋଷଣା କରିଛନ୍ତି । ଫେବୃୟାରୀ ୧୬ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଓଡ଼ଗାଁ ବ୍ଲକରେ ହେବ । ସେହିପରି ୧୮ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ରଣପୁର ବ୍ଲକରେ ହେବାକୁ ଥିବାବେଳେ ୨୦ରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ନୟାଗଡ଼ ବ୍ଲକରେ ହେବ। ୨୨ରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ନୂଆଗାଁ, ଦଶପଲ୍ଲା ଓ ଗଣିଆ ବ୍ଲକରେ ହେବ ବୋଲି ଘୋଷଣା କରାଯାଇଛି । ଅନ୍ୟପକ୍ଷେ ୨୪ରେ ଶେଷ ପର୍ଯ୍ୟାୟ ନିର୍ବାଚନ ଖଣ୍ଡପଡ଼ା ଓ ଭାପୁର ବ୍ଲକରେ ହେବ। ଅପରପକ୍ଷେ ଅନାସ୍ଥାଭୋଟରେ ପରାଜୟର ଭୟକୁ ରୋକିବାକୁ ନିଜ ସମର୍ଥିତ ପ୍ରାର୍ଥୀ ବିଜୟୀ ହେବାକୁ ବିଭିନ୍ନ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏଣୁ ତୃଣମୂଳସ୍ତରରେ ପ୍ରତି ରାଜନୈତିକ ଦଳ ସଙ୍ଗଠନକୁ ଗୁରୁତ୍ୱ ଦେଇଛନ୍ତି। ଶାସକ ଦଳରେ ଯେପରି ଅସନ୍ତୁଷ୍ଟ ପ୍ରାର୍ଥୀ ନ ରହିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ହେଲେ ଟିକେଟ୍ ନ ମିଳିଲେ ଅସନ୍ତୁଷ୍ଟ ବଢ଼ିବେ ବୋଲି କେତେଜଣ ଶାସକ ଦଳର କର୍ମୀ ନିଜ ନାଁ ଗୋପନ ରଖି ପ୍ରକାଶ କରିଛନ୍ତି। ଯଦିଓ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ପାଇଁ ଦଳୀୟ ଚିହ୍ନ ନ ଥାଏ ତେବେ ପ୍ରାର୍ଥୀମାନେ ବିଭିନ୍ନ ରାଜନୈତିକ ଦଳର ସମର୍ଥନରେ ନିର୍ବାଚନରେ ବିଜୟୀ ହୋଇଥାନ୍ତି । ସେହିପରି ପରୋକ୍ଷ ନିର୍ବାଚନ ମାର୍ଚ୍ଚ ୧୧ରେ ନାଏବ ସରପଞ୍ଚ, ମାର୍ଚ୍ଚ ୧୨ରେ ବ୍ଲକ ଅଧ୍ୟକ୍ଷ, ମାର୍ଚ୍ଚ୧୩ ଜିଲା ପରିଷଦ ସଭାପତି, ମାର୍ଚ୍ଚ୨୩ ବ୍ଲକ ଉପାଧ୍ୟକ୍ଷ, ମାର୍ଚ୍ଚ ୨୫ ଜିଲା ପରିଷଦ ଉପସଭାପତି ନିର୍ବାଚନ ହେବ। ସୂଚନାଯୋଗ୍ୟ, ଜିଲାର ୮ ବ୍ଲକ୍‌ରେ ୮ ଅଧ୍ୟକ୍ଷ, ୧୯୪ ଜଣ ସରପଞ୍ଚ, ୧୯୪ ସମିତି ସଭ୍ୟ, ୨୪ ଜିଲା ପରିଷଦ ଆସନ ପାଇଁ ନିର୍ବାଚନ ହେଉଛି । ଅନ୍ୟପକ୍ଷେ ନୟାଗଡ଼ ବ୍ଲକରେ ୪୩୫, ଓଡ଼ଗାଁ ବ୍ଲକରେ ୫୭୪, ଦଶପଲ୍ଲା ବ୍ଲକରେ ୨୭୬, ନୂଆଗାଁ ବ୍ଲକରେ ୩୪୩, ଗଣିଆ ବ୍ଲକରେ ୧୧୯, ରଣପୁର ବ୍ଲକରେ ୫୧୭, ଭାପୁର ବ୍ଲକରେ ୩୪୨, ଖଣ୍ଡପଡା ବ୍ଲକରେ ୩୮୨ ଜଣ ୱାର୍ଡ ସଭ୍ୟ ଏପରି ମୋଟରେ ୨୯୮୮ ୱାର୍ଡ ସଭ୍ୟ ଆସନ ପାଇଁ ଅନୁରୂପ ଭାବେ ନିର୍ବାଚନ ହେବ।